# ଧୂମଧାମରେ ନୂଆବର୍ଷକୁ ସ୍ୱାଗତ





## ● ନିଆରା ଢଙ୍ଗରେ ବିଧାୟକଙ୍କ ନବ ବର୍ଷ ପାଳନ

ବରଗଡ଼, ୧।୧(ସମିସ): ବରଗଡ଼ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମ୍ପର୍କ ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ପ୍ରତିବର୍ଷ ପରି ଚକରକେନ୍ଦ ସ୍ଥିତ ଶାନ୍ତି ତପୋବନ (ମାତୃଛାୟା) ର ଅନ୍ତେବାସୀମାନଙ୍କ ସହିତ ଇଂରାଜୀ ନବବର୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ଆଜି ସକାଳୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ତାଙ୍କ ଧର୍ମପତ୍ନୀ କଳ୍ପନା ଷଡଙ୍ଗୀ ବିଭିନ୍ନ ମନ୍ଦିର ଦର୍ଶନ କରିବା ପରେ ଶାନ୍ତି ତପୋବନରେ ପହଞ୍ଚିଥିଲେ। ସେଠାରେ ଥିବା ଅନ୍ତେବାସୀଙ୍କ ସହ ସାକ୍ଷାତ କରିବା ପରେ ଉଭୟେ ପତି ପତ୍ନୀ ନିଆରା ଢଙ୍ଗରେ ନବବର୍ଷ ପାଳନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଧାୟକ ନିଜେ ସମସ୍ତ ଅନ୍ତେବାସୀଙ୍କୁ ଭାତ, ଡାଲି ଆଦି ପରଷି ଦେଇଥିଲେ। ଶେଷରେ ସମସ୍ତଙ୍କ ସହ ମିଶି ନିଜେ ମଧ୍ୟ ଭୋଜନ କରିଥିଲେ। ବର୍ଷ ସାରା ଅନେକ ଥର ଏହି ଶାନ୍ତି ତପୋବନକୁ ଆସିଥାଏ ହେଲେ ନୂଆ ବର୍ଷରେ ଆସି ତାଙ୍କ ସହ ସାମିଲ ହୋଇ ଅତ୍ୟନ୍ତ ଆନନ୍ଦ ଓ ସନ୍ତୋଷ ଅନୁଭବ କଲୁ ବୋଲି ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଓ ତାଙ୍କ ଧର୍ମପତ୍ନୀ କଳ୍ପନା ଷଡଙ୍ଗୀ କହିଛନ୍ତି।

## ● ଅସହାୟଙ୍କ ସହିତ ନୂଆବର୍ଷ ପାଳନ କଲେ ସମାଜସେବୀ

ବରଗଡ଼ : ଇଂରାଜୀ ନବବର୍ଷ ୨୦୨୬ ପାଇଁ ଗାଆଁରୁ ସହର ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ବିଶେଷକରି ଯୁବପିଢ଼ି ଭୋଜିଭାତ ମଉଜ ମଜଲିସରେ ସ୍ୱାଗତ କରିଥିଲେ। ବିଭିନ୍ନ ଦେବାଦେବୀ ପୀଠରେ ଶ୍ରଦ୍ଧାଳୁ ମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ହିନ୍ଦୁ ନବବର୍ଷରେ ଏତେଟା ଉତ୍ସାହ ଦେଖିବାକୁ ମିଳେନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ମଧ୍ୟ ହୋଇଥିଲା। ତେବେ ସମାଜସେବୀ ସୁବ୍ରତ ବିର୍ତ୍ତିଆ ନିଆରା ଢଙ୍ଗରେ ନୂଆବର୍ଷକୁ ସ୍ୱାଗତ କରିଥିଲେ। ପ୍ରତ୍ୟେକ ପର୍ବପର୍ବାଣୀ ଅସହାୟ ଦିବ୍ୟାଙ୍ଗ ମାନଙ୍କ ସହିତ ପାଳନ କରୁଥିବା ସୁବ୍ରତ ତାଙ୍କ ଭାଣଜି ଆରାଧ୍ୟା ପାଣିଗ୍ରାହୀଙ୍କ ସହିତ ବରଗଡ଼ ବେସରକାରୀ ବସଷ୍ଟାଣ୍ଡ ନିକଟରେ ଥିବା ରାତ୍ର ଆଶ୍ରୟସ୍ଥଳୀରେ ନୂଆବର୍ଷ କେକ୍ କାଟିଥିଲେ। ଅନ୍ତେବାସୀ ମାନେ ମାମୁ ଭାଣଜିଙ୍କୁ ଆଶୀର୍ବାଦ କରିବା ସହିତ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। ଶିଶୁ ଏବଂ ଛାତ୍ରଛାତ୍ରୀଙ୍କୁ ସମାଜସେବା ବିଷୟରେ ଅବଗତ କରାଇବା ପାଇଁ ଶ୍ରୀ ବିର୍ତ୍ତିଆ ଏପରି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ବୋଲି କହିଛନ୍ତି। ପ୍ରତ୍ୟେକ ବର୍ଷ ଅନ୍ତେବାସୀ ମାନଙ୍କୁ ବଣଭୋଜି କରିବା ପାଇଁ ମଧ୍ୟ ସେ ସହଯୋଗ କରିଥାନ୍ତି।




## ● ଦ୍ୱାରି କାଶୀପାଲି ମାଁ ଦୁର୍ଗା ମନ୍ଦିର

ଅମ୍ବାଭୋନା : ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକର ଦ୍ୱାରି ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ମାଁ ଦୁର୍ଗା ମନ୍ଦିର ପରିସରରେ ଇଂରାଜୀ ନୂତନ ବର୍ଷ ଏକ ନିଆରା ଏବଂ ଆଧ୍ୟାତ୍ମିକ ପରମ୍ପରାରେ ପାଳନ କରାଯାଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡର ଆହ୍ୱାନରେ ଅଞ୍ଚଳବାସୀ ଓ ଗ୍ରାମବାସୀ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ମାଁ ଦୁର୍ଗାଙ୍କ ପୂଜାର୍ଚ୍ଚନା କରି ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ଯେଉଁ ସମୟରେ ଇଂରାଜୀ ନୂତନ ବର୍ଷକୁ ଅଧିକାଂଶ ସ୍ଥାନରେ ମଦ, ମାଂସ ଓ ଡିଜେ ସଙ୍ଗୀତର ଆଡମ୍ବରରେ ପାଳନ କରାଯାଉଛି, ସେଠାରେ ଦ୍ୱାରି କାଶୀପାଲିର ଆଧ୍ୟାତ୍ମିକ ପରିବେଶ ସମସ୍ତଙ୍କ ମଧ୍ୟରେ ବେଶ୍ ଆକର୍ଷଣ ସୃଷ୍ଟି କରିଛି। ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି କୈଳାସ ମହାପାତ୍ର ଓ ଉପସଭାପତି ଦେବାର୍ଚ୍ଚନ ମଲ୍ଲିକଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ଲକ୍ଷ୍ମଣ ବୈଗାଙ୍କ ସହିତ ଟ୍ରଷ୍ଟର ସଦସ୍ୟ ହେମସାଗର ମାଝୀ, ଗୋବର ଗୌନ୍ତିଆ, ତୁଳସୀଦାସ ନାୟକ, ଭିଖାରି ବଡ଼େଇ, ଉଦ୍ଧବ ନାୟକ, ଉସତରାମ ନାୟକ, ସାଧୁରାମ ନାୟକ ଓ କ୍ଷୀରସାଗର ନାୟକ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ଟ୍ରଷ୍ଟ ବୋର୍ଡ ତରଫରୁ ଆଜି ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

## ● ଶ୍ରୀଶ୍ୟାମ ଧାମ

ଭଟଲି : ଭଟଲି ଶ୍ରୀଶ୍ୟାମ ଧାମରେ ନବବର୍ଷର ଅବସରରେ ଆୟୋଜିତ ତ୍ରିଦିବସୀୟ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭବ୍ୟ ସମାଗମ ଦେଖିବାକୁ ମିଳିଛି। ବାବା ଶ୍ୟାମଙ୍କ ବାଲ୍ୟ ରୂପରେ ବିରାଜମାନ ଏହି ପବିତ୍ର ଧାମ ସାରା ଦେଶରେ ଏକ ବିଶେଷ ପରିଚୟ ସୃଷ୍ଟି କରିଛି। ନବବର୍ଷ ପାଇଁ ଆୟୋଜିତ କାର୍ଯ୍ୟକ୍ରମ ୩୦ ଡିସେମ୍ବରରେ ପୁତ୍ରଦା ଏକାଦଶୀରୁ ଆରମ୍ଭ ହୋଇଥିଲା। ମନ୍ଦିର ପରିସରରେ ଭବ୍ୟ ପଣ୍ଡାଲ କରି ସୁନ୍ଦର ଭାବେ ସଜାଯାଇଥିଲା। ଭାରତର ପ୍ରସିଦ୍ଧ ଭଜନ ଗାୟକ ପରବିନ୍ଦର ପଲକ (ହରିୟାଣା) ଓ ରାଧିକା ଶର୍ମା (ରାଜନାନ୍ଦଗାଁଓ) ତାଙ୍କର ସୁମଧୁର କଣ୍ଠରେ ଭଜନ ପ୍ରସ୍ତୁତ କରି ବାବାଙ୍କ ଦରବାରକୁ ଭକ୍ତିରସରେ ପ୍ଲାବିତ କରିଥିଲେ। ଡେରିରାତି ପର୍ଯ୍ୟନ୍ତ ଚାଲିଥିବା ଭଜନ କାର୍ଯ୍ୟକ୍ରମରେ ଭକ୍ତମାନେ ଭକ୍ତିରେ ଝୁମିଥିଲେ। ଏହି ସମଗ୍ର ଆୟୋଜନର ଦାୟିତ୍ୱ ଭଟଲିର ବଂସଲ ପରିବାର ଦ୍ୱାରା ନିର୍ବାହ କରାଯାଇଥିଲା। ରାତିରେ ଆରତି ପରେ ଏକାଦଶୀ ମହୋତ୍ସବର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ୩୧ ଡିସେମ୍ବର ମନ୍ଦିର ପରିସରକୁ ଆକର୍ଷଣୀୟ ବିଦ୍ୟୁତ୍ ସଜାଣିରେ ସୁସଜିତ କରାଯାଇଥିଲା। ୨୦୨୫କୁ ବିଦାୟ ଓ ନବବର୍ଷ ୨୦୨୬ର ସ୍ୱାଗତ ଅବସରରେ ଭବ୍ୟ ଉତ୍ସବ ହୋଇଥିଲା।ବାବା ଶ୍ୟାମଙ୍କ ଅଖଣ୍ଡ ଜ୍ୟୋତି ସହ ଭଜନର ଅବିରତ ଧାରା ପ୍ରବାହିତ ହୋଇଥିଲା। ପ୍ରିୟଙ୍କା ଗୁପ୍ତା (ହାଇଦ୍ରାବାଦ), ଅଭିଷେକ ନାମା (ଜୟପୁର) ଓ ଶୀତଲ ପାଣ୍ଡେ (ଦିଲ୍ଲୀ) ତାଙ୍କର ସୁମଧୁର ଭଜନ ପରିବେଷଣ କରିଥିଲେ। ନବବର୍ଷ ଆଗମନରେ ଅନେକ ଭକ୍ତ କେକ ପ୍ରସାଦ ଭାବେ ଅର୍ପଣ କରିଥିଲେ। ବାଣର ଆଲୋକରେ ସମଗ୍ର ଭଟଲି ଆଲୋକିତ ହୋଇ ଉଠିଥିଲା। ଜାନୁଆରୀ ୧ ପ୍ରଭାତ ୬ରୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ଦୀର୍ଘ ଧାଡି ଦେଖିବାକୁ ମିଳିଥିଲା। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରଦ୍ଧାଳୁମାନେ ବାବା ଶ୍ୟାମଙ୍କ ଦର୍ଶନ କରିଥିଲେ। ଭକ୍ତମାନଙ୍କ ପାଇଁ ପ୍ରଭାତରେ ଜଳଖିଆ ଓ ଦ୍ୱିପ୍ରହରେ ପ୍ରସାଦର ଉତ୍ତମ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର କମିଟିର ସଚିବ ଶିବ ଅଗ୍ରୱାଲ କହିଥିଲେ ଯେ, ଏହି ତ୍ରିଦିବସୀୟ ଆୟୋଜନରେ ଭାରତର ଅନେକ ରାଜ୍ୟରୁ ହଜାର ହଜାର ଭକ୍ତ ଭଟଲି ଧାମକୁ ଆସିଥିଲେ। ମନ୍ଦିର କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ● ୨୧ ବର୍ଷରେ ଲାଦରପାଲି ପୂଜ୍ୟପୂଜା ପରମ୍ପରା

ଅତାବିରା : ବର୍ଷଟି ଭଲଭାବେ ବିତୁ, ସୁଖମୟ ହେଉ ଏହି ଆଶା, ବିଶ୍ୱାସ ରଖି ବର୍ଷର ପହିଲା ତାରିଖରେ ଅନେକ ମନ୍ଦିର ଯାଇ ଦିଅଁ ଦର୍ଶନ କରିଥାନ୍ତି। ଆଉ କିଏ ଭୋଜି ଭାତ, ଜିରୋ ନାଇଟ୍ ସେଲିବ୍ରେସନରେ ମସଗୁଲ ହୋଇ ବର୍ଷ ସାରା ଆରାମରେ ବର୍ଷରେ କଟୁ ବୋଲି ଆଶାରେ ପ୍ରଥମ ଦିନ ୧ ତାରିଖକୁ ଖୁସିବାସିରେ ଅତିବାହିତ କରିଥାନ୍ତି। ବରଗଡ଼ ଜିଲ୍ଲା ଅତାବିରା ଏନ୍ଏସି ଅଧୀନସ୍ଥ ଲାଦରପାଲି ଗାଁରେ ନୂଆ ବର୍ଷର ପ୍ରଥମ ଦିନକୁ ଟିକେ ଭିନ୍ନ ଢଙ୍ଗରେ ସ୍ୱାଗତ କରାଯାଇଥାଏ। ଗତ ୨୧ ବର୍ଷ ହେଲା ଗାଁର ଯୁବ ସମାଜ ପକ୍ଷରୁ ପୂଜ୍ୟପୂଜା ପରମ୍ପରା ହୋଇଆସୁଛି। ଏହି ଦିନ ବୟୋଜ୍ୟେଷ୍ଠ ବୃଦ୍ଧ, ବୃଦ୍ଧାଙ୍କୁ ପୂଜା କରାଯାଏ। ସେମାନଙ୍କ ପାଇଁ ପ୍ରବଚନର ଆୟୋଜନ କରାଯାଇଥିଲା। ସଂଧ୍ୟାରେ ଗାଁର କୁନିକୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବା ସହ କିର୍ତ୍ତନଧାରା କାର୍ଯ୍ୟକ୍ରମ କରାଯାଇଥିଲା। ପହିଲା ତାରିଖର ସକାଳେ ଗାଁ ପ୍ରବେଶ ଦ୍ୱାରରେ ଥିବା ହନୁମାନ ମନ୍ଦିରର ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ଗାଁର ବାଳିକା, ଯୁବତୀମାନେ ଗୋଟି ଗୋଟି କରି ଗାଁ ତଥା ଆଖପାଖର ବୃଦ୍ଧବୃଦ୍ଧାଙ୍କ ଗୋଡ଼ ଧୋଇ ଚନ୍ଦନ, ପୁଷ୍ପରେ ପୂଜା କରିଥିଲେ। ନବ ବର୍ଷ ଭଲରେ କଟିବାକୁ ଆଶୀର୍ବାଦ ମାଗିଥିଲେ। ଆଜିର ପୂଜ୍ୟପୂଜା କାର୍ଯ୍ୟକ୍ରମ ପରେ ଈଶ୍ୱରୀୟ ବିଶ୍ୱାସ ପାଇଁ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଚଳିତ ବର୍ଷ ବୀରମହାରାଜପୁର ମହଦାର ଅର୍ଜୁଣ ସାହୁ ଓ ତାଙ୍କ ସହଯୋଗୀ ପ୍ରବଚନ କାର୍ଯ୍ୟକ୍ରମ କରିଥିଲେ। ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହା ପୂର୍ବରୁ ବିଦାୟୀ ୨୦୨୫ ବର୍ଷରେ ପରଲୋକାଗତ ଗାଁର ସଦ୍ୟାନନ୍ଦ ପ୍ରଧାନ, ଗୁଲା ସାହୁ, ଧିରା ପ୍ରଧାନଙ୍କ ବିୟୋଗରେ ଶୋକସଭା କରାଯାଇଥିଲା। ଅପରାହ୍ଣରେ କିର୍ତ୍ତନ୍ୟଧାରାରେ ସୁନିତା ପଟେଲ, ମିକି ମହାପାତ୍ର, ବିଶ୍ୱାମିତ୍ର ପାଣ୍ଡେ, ଚନ୍ଦନ ମହାର, ରଘୁନାଥ ବଘାର, ପ୍ରହଲ୍ଲାଦ ଭୁଏ ଯୋଗ ଦେଇଥିଲେ। ଗତକାଲି ସଂଧ୍ୟାରେ ରଙ୍ଗୋଲି, ଫ୍ୟାନ୍ସି ଡ୍ରେସ୍, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାମାନ ହୋଇଥିଲା। ନୂଆଁବର୍ଷରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଗତ ୨୧ ବର୍ଷ ହେଲା ପାଳନ କରାଯାଇ ଆସୁଥିବା ବେଳେ ଏଥିପାଇଁ ଗାଁର ଯୁବକମାନେ ସ୍ୱଇଚ୍ଛାରେ ଆର୍ଥିକ ସହାୟତା କରିଥାନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଗାଁର ଯୁବକମାନେ ମଧ୍ୟ ନିୟମିତ ସହଯୋଗ କରିଆସୁଛନ୍ତି।

# ରାଣୀସତୀ ମନ୍ଦିର ପରିସରରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବରଗଡ଼, ୧।୧(ସମିସ): ରାଣୀସତୀ ମନ୍ଦିର ପରିସରରେ ଦେବ ଇନଷ୍ଟିଚ୍ୟୁଟ ଅଫ ଇନଫରମେସନ ଟେକ୍ନୋଲୋଜି ବରଡୋଲ ପକ୍ଷରୁ ବୁଧବାର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଦେବଦତ୍ତ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ମହାଦେବ ମହାନା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରକୃତିବନ୍ଧୁ ଡୋଲାମଣି ଶତପଥୀ, ସମ୍ମାନିତ ଅତିଥି ଭାବେ ବରଗଡ଼ ବିଦ୍ୟାସାଗର ଏକାଡେମୀର ଅଧ୍ୟକ୍ଷ ବିକାଶ ସେନ, ଭଟଲି ହେଡ ଆଣ୍ଡ ହାର୍ଟ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସରୋଜ ସାହୁ, ସାମ୍ବାଦିକ ନରସିଂହ ଚରଣ ସାହୁ, ପୂର୍ବତନ ସରପଞ୍ଚ ଜମିଦାର ସେଠ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଉମା ମହାନା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଇନ୍ଦୁମତି ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଗରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ଅତିଥି ମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ସନ୍ତୋଷ ତାଣ୍ଡି, ନିମିଶ ପଧାନ, ପିଲୁ ରାଉତ, ଶିକ୍ଷୟିତ୍ରୀ ତିଲୋତ୍ତମା ବାଗ, ଅନନ୍ୟା ସାହୁ, ହରିବୋଲ କଲେଜ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ବାର୍ଷିକ ସମାବେଶ

ପାଇକମାଳ, ୧।୧(ସମିସ): ଐତିହାସିକ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ବାଲକୋ ହଟାଅ ଗନ୍ଧମାର୍ଦ୍ଦନ ବଞ୍ଚାଅର ୪୧ତମ ବାର୍ଷିକ ସମାବେଶ ନୃସିଂହନାଥ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନୃସିଂହନାଥ ମନ୍ଦିର ଠାରୁ ମଶାଲ ଶୋଭାଯାତ୍ରା କରାଯାଇଥିଲା। ପାଇକମାଳ, ଝାରବନ୍ଧ, ପଦ୍ମପୁର, ଖପ୍ରାଖୋଲ, ଗାଇସିଲେଟ ଓ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଗନ୍ଧମାର୍ଦ୍ଦନ ଆନ୍ଦୋଳନ କର୍ମୀମାନେ ଭାଗବତ ତତ୍ତ୍ୱ ଆଶ୍ରମ ପହଞ୍ଚିବା ପରେ ସଭା ଆରମ୍ଭ ହୋଇଥିଲା। ନୃସିଂହନାଥ ପୀଠରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ପୂର୍ବତନ ଆବାହକ ତଥା ସାଂସଦ ପ୍ରଦୀପ ପୁରୋହିତ ପୂଜାର୍ଚ୍ଚନା ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବରିଷ୍ଠ ନାରୀ ନେତ୍ରୀ ଜମ୍ବୋବତୀ ବିଜରା ଓ ପ୍ରତିମା ବଗାର ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଆବାହକ ଦୁର୍ଯ୍ୟୋଧନ ପୁଟା ପରିଚାଳନା କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଦିବ୍ୟଙ୍ଗତ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଆଜି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତାର ୪୧ତମ ବାର୍ଷିକ ସମାବେଶରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ହଜାର ହଜାର ସଂଖ୍ୟାରେ ସାମିଲ ହୋଇ ସଙ୍କଳ୍ପ ନେଇଛନ୍ତି। କାର୍ଯ୍ୟକ୍ରମରେ ଦିବଂଗତ ଆନ୍ଦୋଳନ କର୍ମୀମାନଙ୍କୁ ମରଣୋତ୍ତର ଗନ୍ଧମାର୍ଦ୍ଦନ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ମାଧବ ସିଂ ଠାକୁରଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ଠାକୁର, ସ୍ୱର୍ଗତ ସନ୍ଥରଘୁନାଥ ଜି ପଟ୍ଟଶିଷ୍ୟ ଧର୍ମଚାନ୍ଦ, ସ୍ୱର୍ଗତ ଶଶି ପାଣ୍ଡେଙ୍କ ପୁଅ ଡୋଲାମଣି ପାଣ୍ଡେ, ସ୍ୱର୍ଗତ ସୁଆଦେଇ ଧରୁଆ ପୁତ୍ରବଧୂ ସାଏବନି ଧରୁଆ ପ୍ରମୁଖ ପରିବାର ବର୍ଗଙ୍କୁ ଏହି ସମ୍ମାନ ହସ୍ତାନ୍ତର କରାଯାଇଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଅତୀତରେ ଆନ୍ଦୋଳନର ନେତୃତ୍ୱ ନେଇ ଥିବାବେଳେ ଆଜି ମଧ୍ୟ କୌଣସି କମ୍ପାନୀ ବା ସରକାର ଗନ୍ଧମାର୍ଦ୍ଦନ ପାହାଡରେ ଖଣିଖନନ କରିବାକୁ ଆସିଲେ ଶେଷରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ତୀବ୍ର ବିରୋଧ କରାଯିବ ବୋଲି ସାଂସଦ ପ୍ରଦୀପ ପୁରୋହିତ ଘୋଷଣା କରିଥିଲେ। ବରିଷ୍ଠ ସଂଗ୍ରାମୀ ଗଙ୍ଗାଧର ସାହୁ, ଭାଗବତ ବେହେରା, ପୂର୍ବତନ ଆବାହକ ରାହାସ ବିହାରୀ ସାହୁ, ଧିରେନ ମହାନ୍ତି, ରଘୁବିର ସିଂ ବରିହା, ଦିଲ୍ଲୀପ ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଶୁକ୍ରୁ ସାହୁ, ହଜାରୁ ମଲ୍ଲିକ, ଯୌତି ସାହୁ, ଲରୁକ୍ମଣ ସେଠ, ବିନୋଦ ସେଟ, ଦୟାନନ୍ଦ ମାଝୀ, ଶ୍ୟାମ ଧରୁଆ, ଗଜରାଜ ଡନସନା, ନରହରି ପାଣ୍ଡେ, ବିରାଲାଲ ଧରୁଆ, ଯଶୋଦା ସାହୁ, ସାଇବାନି ଧରୁଆ, ଅଲକ ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପୂର୍ବତନ ଆବାହକ ଭୀଷ୍ମଦେବ ପଟେଲ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ କୃଷକ ସଂଗଠନ କର୍ମକର୍ତ୍ତାଙ୍କୁ ଥାନାରେ ଅଟକ

ପଦ୍ମପୁର, ୧।୧(ସମିସ): ବୀରତା ଦିବସ ପାଳନ ଉପଲକ୍ଷେ ଘେଁସରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ସମୟରେ ରାଜବୋଡ଼ାସମ୍ବର କୃଷକ ସଂଗଠନର କର୍ମକର୍ତ୍ତାଙ୍କୁ ପଦ୍ମପୁର ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ଆଇନ ପରାମର୍ଶଦାତା ଅଜିତ ଶତପଥୀଙ୍କ ସହିତ ଦେବରାଜ ସାହୁ, କୈଳାଶ ବାରିକ, କାହ୍ନୁଚରଣ ମେହେର, ପ୍ରକାଶ ଦାଶ, ରୁକ୍ମଣ ବରିହା, ଟଙ୍କଧର କଣ୍ଟା ଓ କ୍ଷୀରଧର ରଣା ପ୍ରମୁଖ ରହିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସତର୍କତା ପୂର୍ବକ ଏହି କର୍ମକର୍ତ୍ତାମାନଙ୍କୁ ଥାନାରେ ଅଟକ ରଖାଯାଇଛି। ତେବେ ଏହି ଅଟକକୁ ନେଇ କୃଷକ ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିବା ସୂଚନା ମିଳିଛି।



# ଭାରତର ସଶସ୍ତ୍ର ସଂଗ୍ରାମରେ ସହିଦ ମାଧୋ ସିଂ ଓ ପରିବାରର ବଳିଦାନ ଅବିସ୍ମରଣୀୟ




**ଜିଲ୍ଲାସ୍ତରୀୟ ବୀରତା ଦିବସ**

ବରଗଡ଼, ୧।୧(ସମିସ)

"ଭାରତ ବର୍ଷର ସଶସ୍ତ୍ର ସଂଗ୍ରାମରେ ସହିଦ ବୀର ମାଧୋ ସିଂ ଓ ତାଙ୍କ ପରିବାରର ବଳିଦାନ ଅବିସ୍ମରଣୀୟ" ବୋଲି ବରଗଡ଼ ବୀର ଛକ (ହଳଦୀ ପାଲି)ରେ ଆୟୋଜିତ ଜିଲ୍ଲାସ୍ତରୀୟ ବୀରତା ଦିବସ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଟ୍ୟକାର, ସାହିତ୍ୟିକ ଚୂଡାମଣି ରଥ କହିଛନ୍ତି। ସହିଦ ଓ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଝାଙ୍କର୍‌ଙ୍କ ସଭାପତିତ୍ୱ ଓ ବରିଷ୍ଠ ନାଗରିକ ସଂଘ ସଭାପତି କେଦାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶ୍ରୀ ରଥ ସହିଦ ବୀର ମାଧୋ ସିଂ ଓ ତାଙ୍କ ପରିବାରର ବଳିଦାନ ଆଜିର ଯୁବ ପିଢ଼ିକୁ ଦେଶ ମାତୃକାର ସେବା କରିବାକୁ ନିଶ୍ଚିତ ପ୍ରବର୍ତ୍ତାଇବ ବୋଲି କହିଥିଲେ। ଏହାସହ ବୀର ମାଧୋ ସିଂ ଏବଂ ତାଙ୍କ ସହିଦ ପୁତ୍ରଙ୍କ ବୀର ଗାଥା ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇ ପାରିଲେ ଆମର ପରବର୍ତ୍ତୀ ପିଢ଼ି ଆମର ପୂର୍ବ ପୁରୁଷଙ୍କ ବଳିଦାନର ଇତିହାସ ଜାଣି ପାରନ୍ତେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଶ୍ରୀ ଝାଙ୍କର ସ୍ୱାଗତ ଭାଷଣ ଓ ଉପ ସଭାପତି ରବି ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଅତିଥି ଭାବେ ବରଗଡ଼ ବିଡିଓ ବେରସି ୟସ ଡୁଙ୍ଗ ଡୁଙ୍ଗ, ଭେଡେନ ଜମିଦାର ସହିଦ ମନୋହର ସିଂଙ୍କ ଦାୟାଦ ଅଶୋକ ସିଂ ଓ ଜ୍ୟୋସ୍ନାମୟୀ ସିଂ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଗୋବିନ୍ଦ ଦାଶ, ବରଗଡ଼ ସାମ୍ବାଦିକ ସଂଘ ଉପ ସଭାପତି ବିରେନ୍ଦ୍ର ପ୍ରଧାନ, ମାଧୋ ସିଂଙ୍କ ଭୂମିକାରେ ଥିବା ପାଣ୍ଡବ କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅମୂଲ୍ୟ ଭୋଇଙ୍କ ଦ୍ୱାରା ନିର୍ମିତ ସହିଦ ବୀର ମାଧୋ ସିଂଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ସହିଦ ବୀର ମାଧୋ ସିଂ ଭୂମିକାରେ ଥିବା ଶ୍ରୀ କର୍ଣ୍ଣ, ତାଙ୍କ ପୁତ୍ର ହଟେ ସିଂ ଭୂମିକାରେ ଥିବା ବୀରବଲ ମହାକୁର, କୁଞ୍ଜଲ ସିଂ ଭୂମିକାରେ ଥିବା ଅନନ୍ତ ମେହେର, ଐରୀ ସିଂ ଭୂମିକାରେ ଥିବା କ୍ଷୀରୋଦ ବାଗ, ବୈରୀ ସିଂ ଭୂମିକାରେ ଥିବା ଠାକୁର ବିଶ୍ୱାଳଙ୍କ ସମେତ ମନୋହର ସିଂଙ୍କ ଦାୟାଦ, ମାଧୋ ସିଂଙ୍କ ମୂର୍ତ୍ତି ତିଆରି କରିଥିବା ମୂର୍ତ୍ତିକାର ଅମୂଲ୍ୟ ଭୋଇ, ଏଇ ମିଶନ ସ୍କୁଲର ଚେୟାରମ୍ୟାନ ଯଶବୀର ସିଂ ଶୈନି, ବରଗଡ଼ ଫିଜିକାଲ ଏକାଡେମିର ମୁଖ୍ୟ ସୁରେଶ ଦାଶ ତଥା ସମସ୍ତ ଅତିଥିଙ୍କୁ ଆୟୋଜକ କମିଟି ପକ୍ଷରୁ ସ୍ମାରକୀ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରତା ଦିବସ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ସ୍ମାରକୀ ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ।

ପ୍ରତ୍ୟେକ ବର୍ଷ ଭଳି ଜିଲ୍ଲା ସ୍ତରୀୟ ବୀରତା ଦିବସ ଜିଲ୍ଲା ପ୍ରଶାସନ, ସହିଦ ଓ ସ୍ମୃତି ସମିତି ଓ କୋଶଳ ରାଜ୍ୟ କ୍ରିୟାନ୍ୱୟନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହିଦ ଓ ସ୍ମୃତି ସମିତିରୁ ସୁରେନ୍ଦ୍ର ପଣ୍ଡା, କୋଶଳରାଜ୍ୟ କ୍ରିୟାନ୍ୱୟନ କମିଟିର ଦୀପକ ରଥ ସଂଯୋଜନାରେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲଲାଟେନ୍ଦୁ ଦାଶ, କାହ୍ନୁ ଚରଣ ପୃଷ୍ଟି, ପ୍ରସନ୍ନ ପ୍ରଧାନ, ଗିରିଶ ମାଝୀ, ବରଗଡ଼ ଜିଲ୍ଲା ଭୂତପୂର୍ବ ସୈନିକ ସଂଘ ଉପ ସଭାପତି ମାନସ ଚାନ୍ଦ, ସମ୍ପାଦକ ସୂର୍ଯ୍ୟ ପ୍ରସାଦ ଦାସ, ବିଭୂତି ଭୂଷଣ ଖଦଙ୍ଗା, ଓମ ପ୍ରକାଶ ଦାଶ, ନରେନ୍ଦ୍ର ନାୟକ, ଉଗ୍ରସେନ ପ୍ରଧାନ, ଗୋପବନ୍ଧୁ ସାହୁ, ଲଳିତ ସାହୁ, ସୁନିଲ ଭୋଇ, ଶିଶିର ମହାପାତ୍ରଙ୍କ ସହ ପରେଶ୍ ବିଶି, ଲଳିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଭୋର୍‌ରୁ ବୀର ସହିଦ ମାଧୋ ସିଂଙ୍କ ଜନ୍ମ ପୀଠ ଘେଁସରୁ ମଶାଲ ଆଣି ମାଁ ସମଲେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଗାନ୍ଧୀ ଛକରେ ସମସ୍ତେ ପହଞ୍ଚିଥିଲେ। ଏହାପରେ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରା ହୋଇଥିଲା। ଏଥିରେ ସହିଦ, ସ୍ମୃତି ସମିତି ଓ କୋଶଳରାଜ୍ୟ କ୍ରିୟାନ୍ୱୟନ କମିଟି, ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼ ଫିଜିକାଲ ଏକାଡେମି, ବରଗଡ଼ ଜିଲ୍ଲା ଭୂତପୂର୍ବ ସୈନିକ ସଂଘ, କୋଶଳ ସେନାର ସଦସ୍ୟ ତଥା ଅନ୍ୟାନ୍ୟ ବହୁ ସଂଘ ସାମିଲ ହୋଇଥିଲେ। ସେହିପରି ଘେଁସରୁ କୋଶଳ ସେନାର କର୍ମକର୍ତ୍ତା ସରୋଜ ପ୍ରଧାନ, ରମେଶ ରଣା, ରାକେଶ ବଡ଼େଇ, ସମୀର ଭୋଇ, ହିମାଂଶୁ ସାହୁ, ଶତ୍ରୁଘ୍ନ ଭୁଏ, ମହାଦେବ ଭୁଏ, ବରୁଣ ଭୁଏ, ଉମେଶ ବାଗ, ନୀଳ ବଞ୍ଜୋର, ମୀନକେତନ ବିଶ୍ୱାଳ, କିଶୋର ବେହେରା, ରବୀନ୍ଦ୍ର ବାଗ, ଶୁଭମ୍ କର୍ମୀ, ରାଜକିଶୋର ମାଝୀ, ପ୍ରେମନ୍ ମହାକୁର, ନରେଶ ଦୀପ, ରୋହନ ପଧାନ, ସୁଦର୍ଶନ ହାତୀ, କରୁଣା ବରିହା, ହିମାଂଶୁ ମହାକୁର, ଯାନୁ ସାହୁ, ମୁକେଶ ମହାକୁର, ସୁମନ୍ତ ଜାଲ ପ୍ରମୁଖ ମଶାଲ ଆଣି ବୀର ଛକରେ ସ୍ଥାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗରର କର୍ମଚାରୀ ମାନଙ୍କ ସକ୍ରିୟ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ**

# କୃଷ୍ଣବଳରାମଙ୍କୁ ଅଶ୍ରୁଳ ବିଦାୟ ଦେଲେ ଗୋପପୁରବାସୀ

## ଋଷିମୁନିଙ୍କ ଉପରେ ମହାରାଜ କଂସଙ୍କ ଅତ୍ୟାଚାର

ମଥୁରା ନଗରୀ,୧।୧(ସମିସ):

ନନ୍ଦରାଣୀ ଓ ନନ୍ଦରାଜାଙ୍କୁ ବହୁ ବୁଝାସୁଝା କରି ବେନିଭାଇଙ୍କୁ ସାଥିରେ ଧରି ମଥୁରା ଅଭିମୁଖେ ଅକ୍ରୁର ଯାତ୍ରା କରିଛନ୍ତି। ସମଗ୍ର ଗୋପରେ ଭାବାବେଗର ଉଚ୍ଛ୍ୱାସ। ହସଖୁସିରେ ଫାଟି ପଡୁଥିବା ଗୋପପୁରରେ ଶୋକର ଛାୟା। ସମସ୍ତେ ଯେମିତି ଭାଙ୍ଗି ପଡୁଛନ୍ତି ଦୁଃଖରେ। ରାଧା, ଯଶୋଦା, ନନ୍ଦରାଜାଙ୍କ କାନ୍ଦରେ ସାରା କୁଞ୍ଜବନ, ବୃକ୍ଷଲତା ଓ ଗୋପର ପାଣି ପବନ ମ୍ରିୟମାଣ। ଶ୍ରୀକୃଷ୍ଣଙ୍କୁ ଫେରେଇ ନନେବା ପାଇଁ ଅକ୍ରୁରଙ୍କୁ ସମସ୍ତଙ୍କର ବାରଣ। ଚାରି ଦିନକୁ କଣ୍ଟ ଦେଇ ଶେଷରେ ଗୋପାଳ ସଖା ମାନଙ୍କୁ ସାଙ୍ଗରେ ଧରି ବେନିଭାଇ ଅକ୍ରୁରଙ୍କ ସାଙ୍ଗରେ ମଥୁରା ଆସନ୍ତି। ଏଣେ ମଥୁରାରେ ଗୋବିନ୍ଦପାଲିର ଆମ୍ବତୋଟାରେ ଭଗବାନ ବିଷ୍ଣୁଙ୍କୁ ଧ୍ୟାନ କରୁଥିବା ମୁନିଋଷି ମାନଙ୍କ ଉପରେ କଂସଙ୍କ ଅତ୍ୟାଚାର ବଢ଼ିଛି। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଜୟ କରିବା ପାଇଁ ଶିବଙ୍କୁ ସ୍ତୁତି କରି ରୁଦ୍ରଶୂଳ ପ୍ରାପ୍ତ କରନ୍ତି ମହାରାଜ କଂସ। ନିଜର ପାତ୍ର ମନ୍ତ୍ରୀଙ୍କ ସହ ରଙ୍ଗ ମହଲକୁ ଯାଇ ମନକୁ ହାଲୁକା କରିବା ପାଇଁ ନୃତ୍ୟ ସଂଗୀତ ଉପଭୋଗ କରନ୍ତି।





















## ଧନୁଯାତ୍ରା ଅବସରରେ ନିଷ୍ଠା ପରିବାରର ରକ୍ତଦାନ ଶିବିର

■ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ



ମଥୁରା ନଗରୀ,୧।୧(ସମିସ): ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ବୀରାଧି ବୀର ବର ପ୍ରବଳ ପ୍ରତାପୀ ମଥୁରା ନରେଶ କଂସ ମହାରାଜଙ୍କ ଆଦେଶରେ ଜର୍ଜ ହାଇସ୍କୁଲ, ମୀନାବଜାର ପଡିଆରେ ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ବରେଣ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିଆ, ମୁରଲୀ କ୍ରୀଷ୍ଣା ଫାଉଣ୍ଡେସନର ପ୍ରତିଷ୍ଠାତା ଡି. ମୁରଲୀ କ୍ରୀଷ୍ଣା, ବରଗଡ଼ ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଠିକାଦାର ସଙ୍ଘ ସଭାପତି ସୁଧାଂଶୁ ଗଡତିଆ, ସୁବ୍ରତ ହୋତା, ଅମିତ ସାହୁ ପ୍ରମୁଖ ଶୁଭାରମ୍ଭ କରଥିଲେ। ରକ୍ତଦାତା ମାନଙ୍କୁ ଅତିଥି ମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଗୌରହରି ମିଶ୍ର ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଧନୁଯାତ୍ରା ଦେଖିବାକୁ ଆସିଥିବା ସମୟରେ ରକ୍ତଦାନ ପାଇଁ ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୧୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ନିଷ୍ଠା ପରିବାରର ସଦସ୍ୟମାନେ ପରିଚାଳନା କରିଥିଲେ। ରକ୍ତଦାନ ଶିବିର ସହ ସଂଲଗ୍ନ ଭାବେ ନିଷ୍ଠା ପରିବାର ତରଫରୁ ଏକ ସ୍ତନ୍ୟପାନ କେନ୍ଦ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ମହାରାଜ କଂସ ସୁଶୀଲ ମେହେରଙ୍କ ଅଭିନୟକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା



ବରଗଡ଼,୧।୧(ସମିସ): ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବରେ ଚଳିତ ବର୍ଷ ମହାରାଜ କଂସ ସୁଶୀଲ ମେହେରଙ୍କ ଅଭିନୟକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋରଧରିଛି। ଅନ୍ୟ ସମସ୍ତ ଲୋକନାଟକ ପରି ଧନୁଯାତ୍ରା। କିନ୍ତୁ ଏହାର ବିଶେଷତ୍ୱ ହେଉଛି ଯେ, ଏଥିରେ ଚରିତ୍ର ମାନଙ୍କ ଦ୍ୱାରା ଯାହାସବୁ ଅଭିନୟ ହୁଏ ଓ ସଂଳାପ ଉଚ୍ଚାରଣ କରାଯାଏ, ସେଥିପାଇଁ କୌଣସି ପାଣ୍ଡୁଲିପି ବା ବିଧିବଦ୍ଧ ସଂରଚନା ହୁଏନାହିଁ। ମହାରାଜ କଂସ ନିଜେ ନିଜେ ବିଷୟବସ୍ତୁ ଆଧାରରେ ତାଙ୍କର ସଂଳାପ କହିଥାନ୍ତି। ପ୍ରତିଦିନ କାର୍ଯ୍ୟକ୍ରମ ଅନୁଯାୟୀ ଅଭିନୟର ଯାଦୁ ପ୍ରଦର୍ଶନ କରିଥାନ୍ତି। ଅନ୍ୟ ନାଟ୍ୟକାରକ ଗୌଣ ଓ ସହ ଚରିତ୍ରମାନେ ମଧ୍ୟ ନିଜ ନିଜର ସଳାପ ନିଜେ ଲେଖି ମୁଖସ୍ଥ କରି ଉପସ୍ଥାପନ କରନ୍ତି। ହରିବଂଶ, ମଥୁରାମଙ୍ଗଳ ଓ ରସକଲ୍ଲୋଳରୁ ଗୀତମାନ ନେଇ ସଂଳାପ ଭାବେ ବ୍ୟବହୃତ ହୁଏ ଓ ଗାନ ବି କରାଯାଏ। ହେଲେ ଚଳିତ ବର୍ଷ ଏ ସବୁର ଘୋର ଅଭାବ ପରିଲକ୍ଷିତ ହେଉଛି ବୋଲି ଏବେ ସୋସିଆଲ ମିଡିଆ ଜୋର୍ ଚର୍ଚ୍ଚା ହେବାରେ ଲାଗିଛି।

## ରାଜ୍ୟସ୍ତରୀୟ ଧନୁଯାତ୍ରା କୁଇଜ୍ ପ୍ରତିଯୋଗିତା

ବରଗଡ଼,୧।୧(ସମିସ):

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଐତିହ୍ୟ ଓ ପରମ୍ପରାକୁ ବର୍ତ୍ତମାନର ପିଢ଼ି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅବଗତ କରାଇବା ଉଦ୍ଦେଶ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚମ 'ଧନୁଯାତ୍ରା କୁଇଜ୍ ପ୍ରତିଯୋଗିତା' ସ୍ଥାନୀୟ ଲେଙ୍ଗୁମିଶ୍ର ଷ୍ଟାଡିୟମ ମଧ୍ୟରେ ଆୟୋଜିତ ହସ୍ତତନ୍ତ ମେଳା ପରିସର ମଧ୍ୟରେ ଅନୁଷ୍ଠିତ ହେଇଯାଇଛି। ମହତାବ ଶିଶୁ ସାହିତ୍ୟ ସଂସଦ ଓ ଶିଶୁ ସାହିତ୍ୟ ପତ୍ରିକା 'କଳାମାଣିକ' ଆନୁକୂଲ୍ୟରେ ଆୟୋଜିତ ତଥା ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଛାତ୍ରଛାତ୍ରୀ ଆମର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତି ବିଷୟ ପ୍ରତି ଆନ୍ତରିକତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ପ୍ରିତମ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ଶିକ୍ଷକ ଦୁଃଖି ସେବକ ସାହୁ, ସାହିତ୍ୟିକା ସୁପ୍ରଭା ସାମଲ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାର ସିନିୟର ବିଭାଗରେ ଯୁବୋଦୟ କଲେଜ ବଲାଙ୍ଗିରର ଛାତ୍ରୀ ଆଦ୍ୟାଶା ପ୍ରଧାନ ପ୍ରଥମ, ରେଭେନ୍ସା ମହାବିଦ୍ୟାଳୟର ଛାତ୍ର ଆୟାଶ ପଣ୍ଡା ଦ୍ୱିତୀୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କନଗାଁର ଛାତ୍ରୀ ଶ୍ରୀୟା ବାରିକ ତୃତୀୟ ଏବଂ ଜୁନିଅର ବିଭାଗରେ ଗୋବିନ୍ଦପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଂଶୁମାନ ଦାସ ପ୍ରଥମ, ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅସ୍ମିତା ପଟ୍ଟନାୟକ ଦ୍ୱିତୀୟ ଓ ଶ୍ରୀ ଅରବିନ୍ଦ ସ୍କୁଲର ଛାତ୍ର ସ୍ମୃତିରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମ୍ପାଦକ ଡ.ରବିନାରାୟଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ଆବାହକ ରାଜେନ୍ଦ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ।




## ଖବର ପ୍ରକାଶ ପରେ ବରପୁତ୍ରଙ୍କୁ ଫୁଲରେ ସଜାଇଲା ପ୍ରଶାସନ



ମଥୁରା ନଗରୀ,୧।୧(ସମିସ): ବରଗଡ଼ ଜିଲ୍ଲାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଏପରି ସମୟରେ ସହରର ବାନ୍ଧୁଟିକ୍ରା ଛକରେ ଜାତୀୟ ମୁକ୍ତି ସଂଗ୍ରାମର ମହାନ୍ ଯୋଦ୍ଧା ତଥା ଓଡ଼ିଶାର ବରପୁତ୍ର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ରହିଥିବା ସ୍ଥାନ ଅତ୍ୟନ୍ତ ଅପରିଷ୍କାର ରହିଥିଲା। ପ୍ରଶାସନ ପକ୍ଷରୁ କେହି ସ୍ୱତନ୍ତ୍ର ଦୃଷ୍ଟି ଦେଉ ନ ଥିବା ଖବର ଦୈନିକ ଖବରକାଗଜ 'ସକାଳ'ରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶନ ପରେ ପ୍ରଶାସନର ଦୃଷ୍ଟି ପଡ଼ିଛି। ପ୍ରତିକ୍ରିୟା ସ୍ୱରୂପ ପ୍ରତିମୂର୍ତ୍ତିରେ ଫୁଲମାଳ ଓ ତାହାର ଚତୁଃପାର୍ଶ୍ୱକୁ ଫୁଲଦ୍ୱାରା ସଜ୍ଜିତ କରାଯାଇଛି। ସମସ୍ତଙ୍କୁ ଦୃଶ୍ୟମାନ ହେବା ପରି ସ୍ଥାନରେ ରହିଥିବାରୁ ବର୍ତ୍ତମାନ ପ୍ରତିମୂର୍ତ୍ତିଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି।

